REGIONAL NEWS UNIT, AIR CUTTACK

Morning Bulletin (7.05 AM)

5 November– 2026

ସହାୟତା ରାଶି ମଞ୍ଜୁର

ରାଜ୍ୟ ସରକାର ଗଞ୍ଜାମ ଓ କୋରାପୁଟ ଜିଲ୍ଲାରେ ବାତ୍ୟା ଓର୍ଣ୍ଣବ ଦ୍ୱାରା ପ୍ରଭାବିତ ପରିବାରଙ୍କ ପାଇଁ ପ୍ରାୟ ୧୦୭ କୋଟି ୭୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ନଗଦ ସହାୟତା ରାଶି ମଞ୍ଜୁର କରିଛନ୍ତି । ଏଥିମଧ୍ୟରୁ ଗଞ୍ଜାମ ଜିଲ୍ଲା ପାଇଁ ୧୦୭ କୋଟି ୪୪ଲକ୍ଷ ୫୫ହଜାର ଟଙ୍କା ଏବଂ କୋରାପୁଟ ଜିଲ୍ଲା ପାଇଁ ୨୬ଲକ୍ଷ ୨୭ହଜାର ୫୦୦ଟଙ୍କା ମଞ୍ଜୁର ହୋଇଛି । ଗଞ୍ଜାମ ଜିଲ୍ଲାର ପ୍ରଭାବିତ ୪ଲକ୍ଷ ୨୯ହଜାର ୭୮୨ ଏବଂ କୋରାପୁଟ ଜିଲ୍ଲାର ୧ହଜାର ୫୧ଟି ପରିବାର ପିଛା ୨ହଜାର ୫୦୦ଟଙ୍କା ହାରରେ ନଗଦ ରାଶି ପ୍ରଦାନ କରାଯିବ । ନିର୍ଦ୍ଧାରିତ ନିୟମ ଓ ମାର୍ଗଦର୍ଶିକା ଅନୁଯାୟୀ ଯୋଗ୍ୟ ପ୍ରଭାବିତ ପରିବାରକୁ ତୁରନ୍ତ ଏହି ସହାୟତା ରାଶି ପ୍ରଦାନ କରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

କେନ୍ଦ୍ରୀୟ ପ୍ରତିନିଧି ଦଳ

ବାତ୍ୟା ‘ଓର୍ଣ୍ଣବ’ ପରବର୍ତ୍ତୀ ବନ୍ୟା ଯୋଗୁଁ ଗଞ୍ଜାମ ଜିଲ୍ଲାରେ ପ୍ରାଥମିକ ଆକଳନ ଅନୁଯାୟୀ ବିଭିନ୍ନ କ୍ଷେତ୍ରରେ ପ୍ରାୟ ୫୦୦ କୋଟି ଟଙ୍କାର କ୍ଷତି ହୋଇଛି ବୋଲି କ୍ଷୟକ୍ଷତିର ଅନୁଧ୍ୟାନ ପରେ କେନ୍ଦ୍ରୀୟ ପ୍ରତିନିଧି ଦଳ କହିଛନ୍ତି । କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଯୁଗ୍ମସଚିବ ରବିଶଙ୍କର ନେତୃତ୍ୱରେ ଆସିଥିବା ୮ଜଣିଆ ଆନ୍ତଃ ମନ୍ତ୍ରଣାଳୟ ଦଳ ଜିଲ୍ଲାର ବିଭିନ୍ନ ପ୍ରଭାବିତ ଅଞ୍ଚଳ ଅନୁଧ୍ୟାନ କରିବା ପରେ କ୍ଷୟକ୍ଷତି ସମୀକ୍ଷା କରିଛନ୍ତି ।

ବାତ୍ୟା ପ୍ରଭାବିତ କ୍ଷତିଗ୍ରସ୍ତଙ୍କୁ ନିୟମାନୁଯାୟୀ ତ୍ୱରିତ ସରକାରୀ ସହାୟତା ପ୍ରଦାନ ପାଇଁ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ବିଜୟ ଅମୃତ କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବିଭାଗ ପକ୍ଷରୁ ଚାଲିଥିବା କ୍ଷୟକ୍ଷତି ଆକଳନର ଅଗ୍ରଗତି, ରିପୋର୍ଟ ଦାଖଲ ଓ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ପ୍ରଦାନ ସମ୍ପର୍କରେ ଆଲୋଚନା କରାଯାଇଛି । କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ୫୦ କିଲୋଗ୍ରାମ ଚାଉଳ ଘରେ ଘରେ ପହଞ୍ଚାଇବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି ।

ଜିଲ୍ଲାରେ ବନ୍ୟାଯୋଗୁଁ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର କ୍ଷତିଗ୍ରସ୍ତ ହୋଇଥିବାରୁ ଏହାର ସଫେଇ, ବିଶୋଧନ ଓ ମରାମତି କାର୍ଯ୍ୟ ଜାରି ରହିଛି । ସେଥିପାଇଁ ଆସନ୍ତା ଶନିବାର ପର୍ଯ୍ୟନ୍ତ ସମସ୍ତ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ରକୁ ଛୁଟି ଘୋଷଣା କରାଯାଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀ ଗସ୍ତ ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ସାକ୍ଷାତ୍ କରିଛନ୍ତି । ଏହି ସମୟରେ ଶ୍ରୀ ମାଝୀ କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହାଙ୍କ ସହ ରାଜ୍ୟରେ ସାମ୍ପ୍ରତିକ ବାତ୍ୟା ପରବର୍ତ୍ତୀ ସ୍ଥିତି, ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ଏବଂ ଆଗାମୀ ଦିନରେ ପ୍ରାକୃତିକ ବିପର୍ଯ୍ୟୟର ସ୍ଥାୟୀ ମୁକାବିଲା ନିମନ୍ତେ ଭିତ୍ତିଭୂମି ସୁଦୃଢ଼ୀକରଣ ସମ୍ପର୍କରେ ଆଲୋଚନା କରିଛନ୍ତି ।

+୨ ନାମଲେଖା-ଚୟନ ପ୍ରକ୍ରିୟା

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଯୁକ୍ତ ଦୁଇ ନାମଲେଖାର ତୃତୀୟ ପର୍ଯ୍ୟାୟ ଚୟନ ପ୍ରକ୍ରିୟାରେ ୧୦ହଜାର ୧୫୮ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି । ଏହି ପର୍ଯ୍ୟାୟରେ ମୋଟ୍ ୧୦ହଜାର ୫୦୨ଜଣ ଆବେଦନ କରିଥିଲେ । କଳାବିଭାଗରେ ସର୍ବାଧିକ ୬ହଜାର ୯୮ଜଣ, ବିଜ୍ଞାନରେ ୨ହଜାର ୩୮୪, ସଂସ୍କୃତରେ ୧ହଜାର, ବାଣିଜ୍ୟରେ ୫୦୬ ଏବଂ ଧନ୍ଦାମୂଳକ ଶିକ୍ଷାରେ ୧୭୦ଜଣ ମନୋନୀତ ହୋଇଛନ୍ତି ।

କେଦାର ଗୌରୀ ମନ୍ଦିରକୁ ମାନ୍ୟତା

ଭୁବନେଶ୍ୱରସ୍ଥିତ କେଦାରଗୌରୀ ମନ୍ଦିରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସଂରକ୍ଷିତ ସ୍ଥଳୀର ମାନ୍ୟତା ମିଳିଛି । ଏନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଓଡ଼ିଶା ପୁରାତନ ସ୍ଥଳୀ ସଂରକ୍ଷଣ ଅଧିନିୟମ ୧୯୫୬ ଅନୁସାରେ ଏହି ନିଷ୍ପତ୍ତି ନିଆଯାଇଛି ।

ଘରକୁଘର ବୁଲି ସର୍ଭେ

ଅତିରିକ୍ତ ଶାସନ ସଚିବ ସଂଗ୍ରାମ ଶେଖର ପଣ୍ଡା ମାଲକାନଗିରି ଜିଲ୍ଲାରେ ଜାରି ରହିଥିବା ଘରକୁଘର ବୁଲି ସର୍ଭେ କାର୍ଯ୍ୟକ୍ରମର ଅନୁଧ୍ୟାନ ଓ ସମୀକ୍ଷା କରିଛନ୍ତି । କ୍ଷେତ୍ରସ୍ତରରେ ନିୟୋଜିତ ସମସ୍ତ କର୍ମଚାରୀ ପ୍ରତ୍ୟେକ ପରିବାରଙ୍କ ପାଖରେ ପହଞ୍ଚି ନିର୍ଭୁଲ ଏବଂ ସଠିକ୍ ତଥ୍ୟ ସଂଗ୍ରହ କରିବା ପାଇଁ ଶ୍ରୀ ପଣ୍ଡା ପରାମର୍ଶ ଦେଇଛନ୍ତି ।

ବୈଠକ

ନୁଆପଡା ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ଜଳବାୟୁ ଆକଳନ ଓ ରବି ଫସଲ ଯୋଜନା ସମ୍ପର୍କିତ ବୈଠକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ରବି ଋତୁ ପାଇଁ ଜଳବାୟୁଭିତ୍ତିକ କୃଷି ପରାମର୍ଶ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା ।

ଦୀପାବଳି ଷ୍ଟଲ

ଦିପାବଳୀ ପୂର୍ବରୁ ଗ୍ରାମୀଣ କାରିଗର, ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀକୁ ଯୋଡ଼ିବା ଉଦ୍ଦେଶ୍ୟରେ ‘ଓରମାସ୍’ ପକ୍ଷରୁ ଭଦ୍ରକ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସହଯୋଗରେ ଅପ୍ରତିବିନ୍ଧା ଛକଠାରେ ଏକ ଦୀପାବଳୀ ଷ୍ଟଲ୍‌କୁ ବିଧାୟକ ଉଦ୍‌ଘାଟନ କରଛନ୍ତି। ଏହି ଷ୍ଟଲ୍‌ରେ ବିଭିନ୍ନ ପ୍ରକାର ଆର୍ଷଣୀୟ ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରୟ ପାଇଁ ରଖାଯାଇଛି।

ସୁନାମି ସଚେତନତା ଦିବସ

ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ମଧ୍ୟରେ ସୁନାମି ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ସୁନାମି ସଚେତନତା ଦିବସ ପାଳନ କରାଯାଉଛି । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି ‘ସୁନାମି ପାଇଁ ପ୍ରସ୍ତୁତ ରୁହନ୍ତୁ, ସୁରକ୍ଷା ଆପଣଙ୍କଠାରୁ

ଆରମ୍ଭ’ । ୨୦୧୫ ମସିହାରେ ଜାପାନର ପ୍ରସ୍ତାବ କ୍ରମେ ମିଳିତ ଜାତିସଂଘର ସାଧାରଣ ସଭାରେ ଏହି ଦିବସ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

କ୍ରୀଡ଼ା ପ୍ରତିଭା ବିକାଶ କାର୍ଯ୍ୟକ୍ରମ

ରାଜ୍ୟ ମହିଳା ଓ ଶିଶୁବିକାଶ ବିଭାଗ ପକ୍ଷରୁ ଆଜିଠାରୁ କ୍ରୀଡ଼ା ପ୍ରତିଭା ବିକାଶ କାର୍ଯ୍ୟକ୍ରମ ଉତ୍ସାହ ଭୁବନେଶ୍ୱରରେ ଆରମ୍ଭ ହେବ । ଆସନ୍ତା ଶନିବାର ପର୍ଯ୍ୟନ୍ତ ଚାଲିବାକୁ ଥିବା କାର୍ଯ୍ୟକ୍ରମରେ ଶିଶୁ ଯତ୍ନ ଅନୁଷ୍ଠାନର ପିଲାମାନେ ଭାଗ ନେବେ । ଗତକାଲି ରାଜ୍ୟସ୍ତରୀୟ ଶିଶୁ ସାଂସ୍କୃତିକ ମହୋତ୍ସବ ମହକ ଉଦ୍‌ଯାପିତ ହୋଇଯାଇଛି ।

ହକି

ପଞ୍ଜାବରେ ଚାଲିଥିବା ଏସୀୟ ପୁରୁଷ ଚାମ୍ପିୟନସିପ୍ ହକି ଟୁର୍ଣ୍ଣାମେଣ୍ଟରେ ଆଜି ଭାରତ ଓ ଜାପାନ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ । ସେମିଫାଇନାଲରେ ଗତକାଲି ଭାରତ’ ଦକ୍ଷିଣ କୋରିଆକୁ ୮-୧ ଗୋଲରେ ପରାସ୍ତ କରିଥିଲା ।